# Akashvani, Sambalpur

# SAMBALPURI NEWS BULLETIN

## 2 January 2026 – 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ-ମାଲ୍‌କାନ୍‌ଗିରି ଘୋଷ୍‌ନା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମାଲ୍‌କାନ୍‌ଗିରି ରାଖେଲ୍‌ଗୁଡ଼ା, ଏମ୍.ଭି. ୨୬ ହିଂସା ଘଟ୍‌ନାକେ ନେଇକରି ହେଇଥିବା ଉଚ୍ଚସ୍ତରୀୟ ବୈଠକ୍ ଉତ୍‌ରୁ ଜିଲ୍ଲା ଲାଗି ଗଲାକାଏଲ୍ ୧୦ ଟା ବଡ଼ ଘୋଷ୍‌ନା କରିଛନ୍ । ଘୋଷ୍‌ନା ଅନ୍‌ସାରେ ଜିଲ୍ଲାର୍ ମାଛକୁଣ୍ଡ ବିସ୍ଥାପିତ ଆଉ ଭୂମିହୀନ ଜନଜାତି ପରିବାର୍‌କେ ସର୍‌କାର୍ ସ୍ଥାୟୀ ପଟ୍ଟା ଯୁଗେଇ ଦେବେ । ହିଂସାକାଣ୍ଡ ଘଟ୍‌ନାର୍ ପିଡ଼ିତ୍ ପରିବାର୍‌କେ ୧୦ ଲାଖ୍ ଟଙ୍କାର୍ ସାହାଜ୍ ଯୁଗେଇ ଦେବେ । ନୁକ୍‌ସାନ୍ ହେଇଥିବା ଘର୍ ମାନ୍‌କର୍ ମରାମତି ଲାଗି ୫୦ ହଜାର୍ ଲେଖା ତକ୍ ଆର୍ଥିକ୍ ସାହାଜ୍, ନୁକ୍‌ସାନ୍ ହେଇଥିବା ଦୁକାନ୍ ମାନ୍‌କର୍ ଲାଗି ୨୦ ହଜାର୍ ଲେଖା ତକ୍ ସାହାଜ୍ ମିଲ୍‌ବା । ହିଂସା ବେଲ୍‌କେ ହେଇଥିବା ମାମ୍‌ଲା ମାନ୍‌କର୍ ଫି' ୧୫ ଦିନ୍ ଭିତ୍‌ରେ ଜିଲ୍ଲାପାଲ୍ ସମୀକ୍ଷା କର୍‌ବେ ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ବୁଲେଟ୍ ଟ୍ରେନ୍ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ବଛର୍ ଅଗଷ୍ଟ ମାସେ ଦେଶେ ପହେଲାକରି ହାଇସ୍ପିଡ୍ ବୁଲେଟ୍ ଟ୍ରେନ୍ ଚାଲ୍ବା ବଲି ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଲାକାଏଲ୍ ସୂଚ୍ନା ଦେଇଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀବୈଷ୍ଣବ୍ ଇ ବାବ୍ଦେ କହିଛନ୍, ବୁଲେଟ୍ ଟ୍ରେନ୍ ପ୍ରକଳ୍ପର୍ ସୁରଟ୍ନୁ ବିଲିମୋରା ସେକ୍ସନ୍କେ ପହେଲାକରି ଶୁଭାରମ୍ଭ କରାଯିବା । ତାର୍ ଉତ୍ରୁ ଭିନ୍ ଭିନ୍ ସେକ୍ସନ୍ନୁ କାର୍ଯ୍ୟକ୍ଷମ୍ ହେବା । ୨୦୨୯ ମସିହାତକ୍ ୫ ଶହ ୮ କିଲୋମିଟର୍ ଲମ୍ବା ମୁମ୍ବାଇ-ଅହମ୍ମଦାବାଦ୍ ହାଇସ୍ପିଡ୍ ରେଡ୍ କରିଡ଼ର୍ ଦେଶର୍ ପହେଲା ଦ୍ରୁତଗାମୀ ରେଲ୍ଲାଇନ୍ ହେବା । ଇ ମାସ ବନ୍ଦେଭାରତ୍ ଟ୍ରେନ୍ଥି ସ୍ଲିପର୍ ବଗିର୍ ଲୋକାର୍ପଣ୍ କରାଯିବା ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ସଚିବ ସ୍ତରୀୟ ବୈଠକ I&PR

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗଲାକାଏଲ୍ ସଚିବ ସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍ଥି ଶ୍ରୀମତୀ ଗର୍ଗ ମୁଖ୍ୟମନ୍ତ୍ରୀଙ୍କର୍ ୧୫ ସୂତ୍ରୀ କାର୍ଯ୍ୟଧାରାକେ ପ୍ରାଥମିକତା ଦେଇକରି କାମ୍ କର୍ବାର୍ ଲାଗି ସଚିବମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଶାସନ୍ ପରିଚାଳନାଥି ଦକ୍ଷ,

ଉତର୍‌ଦାୟୀ ଆଉ ଲୋକାଭିମୁଖୀ କର୍‌ବାର୍, ଓଡ଼ିଶା ଭିଜନ୍ ଲକ୍ଷ୍ୟ-୨୦୩୬ ଆଉ ୨୦୪୭ ହାସଲ୍ ଲାଗି ପହେଲା ୨ ବଛ୍‌ରିଆ ଏକ୍ସନ୍ ପ୍ଲାନ୍‌ର ସମୀକ୍ଷା ଅଭିବୃଦ୍ଧି ହାରକେ ୨ ଅଙ୍କ କର୍‌ବାର୍ ଦିଗେ କାମ୍ କର୍‌ବାର୍‌କେ, ରାଜ୍ୟର୍ ଭିନ୍ ଭିନ୍ ବିଭାଗ୍‌ନ ଖାଲି ଥିବା ପଦ୍‌ବୀ ପୂରଣ୍ ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯାଇଥିଲା ।

ପ୍ରଶାସନିକ୍ ଅଧିକାରୀ ଦାୟିତ୍ୱ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂହ ରାଜ୍ୟର୍ ନୂଆଁ ଉନ୍ନୟନ୍ କମିଶନର୍ ଭାବେ ନିଯୁକ୍ତି ପାଇଛନ୍ । ଇତାର୍‌ସହେତେ ସେ ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ଅତିରିକ୍ତ ଦାୟିତ୍ୱ ସମ୍ଭଲାବେ । ବରିଷ୍ଠ ପ୍ରଶାସନିକ୍ ଅଧିକାରୀ ସତ୍ୟବ୍ରତ ସାହୁ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ପାଇଥିଲା ବେଲ୍‌କେ ହେମନ୍ତ ଶର୍ମା ଗୃହ ବିଭାଗ୍‌ର ଅତିରିକ୍ତ ଦାୟିତ୍ୱ ପାଇଛନ୍ ।

ଚିଲିକା ପକ୍ଷୀ ମହୋତ୍ସବ I&PR

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ଆଉ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ଆଏବା ୬ ନୁ ୮ ତାରିଖ୍‌ତକ୍ ଜାତୀୟ ଚିଲିକା

ପକ୍ଷୀ ମହୋତ୍ସବ ଆୟୋଜନ୍ କରାଯିବା । ସଂରକ୍ଷଣ୍ ଭିତିକ୍ ପର୍ଯ୍ୟଟନ୍, ସ୍ଥାୟୀତ୍ୱ ଆଉ ଗୋଷ୍ଠୀ ଭାଗିଦାରୀ ଦିଗେ ରାଜ୍ୟର୍ ପ୍ରତିବଦ୍ଧତାକେ ସୁନିର୍ଶ୍ଚିତ୍ କର୍ବାର୍ ଲାଗି ଚିଲିକା ହ୍ରଦ ନ ଇ ମହୋତ୍ସବ୍ର ଆୟୋଜନ୍ କରାଯାଉଛେ । ମହୋତ୍ସବ୍କେ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ପରିସର୍ ନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଉଦ୍ଘାଟନ୍ କର୍ବେ ।

ହରେକୃଷ୍ଣ ମହତାବ୍-ଶ୍ରାଦ୍ଧବାର୍ଷିକୀ I&PR

ଆଘର୍ ମୁଖ୍ୟମନ୍ତ୍ରୀ ଡକ୍ଟର୍ ହରେକୃଷ୍ଣ ମହତାବ୍ଙ୍କର୍ ଶ୍ରାଦ୍ଧବାର୍ଷିକୀ ଅବ୍ସରେ ଆଏଜ୍ ତାଙ୍କୁ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଇ ଅବ୍ସରେ ବିଧାନ୍ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଲ୍ର ସଦସ୍ୟ, ବିଧାୟକ୍ ଆଉ ଅଲ୍ଗା ଅତିଥି ମାନେ ଶ୍ରଦ୍ଧାଞ୍ଜଳି ଜନାବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତା ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଉଛେ । ପରୀକ୍ଷା ଜାନୁଆରୀ ୧୫ ତାରିଖ୍‌ତକ୍ ଚାଲ୍‌ବା । ବିଜ୍ଞାନ୍, କଳା, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ଶିକ୍ଷା ପ୍ରାକ୍ଟିକାଲ୍ ପରୀକ୍ଷା ହେବା । ଇଥି ୨ ଲାଖ୍ ୩୫ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅନ୍‌ଲାଇନ୍-ଯୁକ୍ତ ଦୁଇ ବୋର୍ଡ୍ ସାର୍ଟିଫିକେଟ୍/ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛାତ୍ରଛାତ୍ରୀମାନେ ଏତ୍‌କର ଅନ୍‌ଲାଇନ୍ ଜରିଏ ଯୁକ୍ତ ଦୁଇ ପ୍ରଭିଜ୍‌ନାଲ୍, ମାଇଗ୍ରେସନ୍ ଆଉ ନକ୍‌ଲି ସାର୍ଟିଫିକେଟ୍ ପାଇପାର୍‌ବେ । ଇଥିର୍‌ଲାଗି ସେମାନ୍‌କୁ ଆଉ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ମୁଖ୍ୟାଳୟକେ ଯିବାର୍‌କେ ନାଇଁପଡ଼େ । ଅନ୍‌ଲାଇନ୍‌ଥି ସବୁପ୍ରକାର୍ ଫର୍ମ ମିଳିପାର୍‌ବା ।

ଓଡ଼ିଶା ବୋଟ୍ ରୁଲ୍ I&PR

ରାଜ୍ୟର୍ ଅନ୍ତର୍ଦେଶୀୟ ଜଲ୍‌ପଥ୍ ନ ଯାତ୍ରା କରୁଥିବା ଯାତ୍ରୀମାନ୍‌କର୍ ନିରାପଦ୍ ଯାତ୍ରା ଲାଗି ରାଜ୍ୟ ସର୍‌କାର୍ ୨୦୦୪ ମସିହା ବେଲ୍‌କେ ଓଡ଼ିଶା ବୋଟ୍ ରୁଲ୍ ଆନିଥିଲେ । ଇହାଛିନ୍ ଘଟୁଥିବା ନୌକା ଦୁର୍ଘଟଣା ଆଉ ଧନ୍‌ଜୀବନ୍ ନୁକ୍‌ସାନ୍‌କେ ନଜର୍‌ଥି ରଖିକରି ସର୍‌କାର୍ ସବୁ

ନୌଚାଲକ୍, ମାଲିକ୍ ଆଉ ଯାତ୍ରୀମାନ୍‌କୁ ସର୍‌କାରୀ ନିୟମ୍ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ପର୍ଏଁରୀ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ସୁରେଶ୍ୱରୀ ମନ୍ଦିର୍ ପରିସର୍ ନ ଜାତୀୟ ପାରମ୍ପାରିକ୍ ଲୋକନୃତ୍ୟ ଆଉ ଗୀତର ମହାପର୍ବ- ପର୍ଏଁରୀ ତିହାର୍ -୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ୩ ଦିନିଆ ମହୋତ୍ସବ୍‌କେ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଉଦ୍‌ଘାଟନ୍ କରିଛନ୍ । ପାରମ୍ପରିକ୍ ନାଚ୍ ଗୀତ୍, ଭାରତୀୟ ସଂସ୍କୃତିର୍ ଅସ୍ମିତା ଆଏ ବଲି ଇ ଅବ୍‌ସରେ ଜିଲ୍ଲାପାଲ୍ କହିଛନ୍ । ପହେଲାଦିନ ସାଂସ୍କୃତିକ୍ ସନ୍ଧ୍ୟାଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ଲୋକକଳା ପରିବେଷିତ୍ ହେଇଥିଲା ।

ବର୍‌ଗଡ଼୍ -ପୁଷ୍‌ପୁନି ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ସବ୍‌ଡିଭିଜନ୍ ଲାଗି ଜାନୁଆରୀ ୫ ତାରିଖ୍‌କେ ପୁଷ୍‌ପୁନି ଛୁଟି ଘୋଷ୍‌ନା କରାଯାଇଛେ । ଉତରାଂଚଲ୍ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଇ ବାବ୍‌ଦେ ଚିଠି କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୨ ଦିନ୍ ତକ୍ ଧିରେ ଧିରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା ଆଉ ଶୀତ୍ କମ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ବଡ଼୍‌ଭାଗି ଜାଗା ନ କୁହୁଡ଼ି ହେବା । ଜଗତ୍‌ସିଂହପୁର୍ ଜିଲ୍ଲା ନ ଜବର୍ କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।